## ଧଳା ନାଗ ଉଦ୍ଧାର

ରୂପସା,(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ରୂପସା ଥାନା ଅନ୍ତର୍ଗତ ମିରିଗିମୁଣ୍ଡି ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଘରୁ ରବିବାର ସାଢେ ୫ ଫୁଟ୍ ଲମ୍ବର ଏକ ଧଳା ନାଗ ସାପ ଉଦ୍ଧାର ହୋଇଛି। ଏହି ସାପଟି ତାଙ୍କ ଘର ଭିତରେ ଥିବା ଦେଖି ପରିବାର ଲୋକେ ଭୟଭୀତ ହୋଇଯାଇଥିଲେ। ଖବର ପାଇ ସ୍ନେକ ହେଲ୍ପ ଲାଇନ ସଦସ୍ୟ ସୁବ୍ରତ କୁମାର ପ୍ରଧାନ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ଏହା ପରେ ସାପଟିକୁ ମୟୁରଭଞ୍ଜର ବାମଡ଼ା ଜଙ୍ଗଲରେ ଛାଡ଼ି ଦିଆଯାଇଛି।

## ସଂକ୍ଷେପରେ

### ବୋଲେରୋ-ବାଇକ୍ ଧକ୍କା: ଜଣେ ମୃତ, ଜଣେ ଗୁରୁତର

କୁଲିଅଣା, ୫।୧୧ (ଆଦିକନ୍ଦ ସାହୁ)- ମୟୂରଭଞ୍ଜ ଜିଲା କୁଲିଅଣା ଥାନା ଅଧୀନ କାମତା ଗ୍ରାମ ମଧ୍ୟ ଦେଇ ଯାଇଥିବା କେନାଲ ନିକଟ ଆରଡ଼ି ରାସ୍ତାରେ ରବିବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ବୋଲେରୋ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କୁଲିଅଣା ଥାନା ଅଧୀନ ତଳକଛୁଇଁ ଗ୍ରାମର ବାଜୁନ ମୁର୍ମୁ(୪୫)। ଲୁଗୁ ମୁର୍ମୁ(୪୦)ଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କୁଲିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବାରିପଦା ମେଡିକାଲକୁ ପଠାଯାଇଛି। ପୋଲିସ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### ଧଳା ଜହର କାରବାର ରୋକିବାକୁ ଏସ୍‌ପିଙ୍କୁ ଭେଟିଲେ

ଭଦ୍ରକ,୫।୧୧(ସନାତନ ରାଉତ)- ଭଦ୍ରକ ରାଣୀତାଲ ଅଞ୍ଚଳରେ ଧଳାଜହର କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଯୁବକମାନେ ଏହି ଧଳା ଜହରର ଶିକାର ହେଉଥିବା ବେଳେ ସାଧାରଣ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତଦନ୍ତ କରି କାରବାରକୁ ରୋକିବା ପାଇଁ ରାଣୀତାଲ ଅଞ୍ଚଳର କେତେକ ଯୁବକ ଭଦ୍ରକ ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ରାଣୀତାଲ ଅଞ୍ଚଳର ଅମରେଶ୍ୱର ମହାପାତ୍ର, ଉଦ୍ଧବ ବାରିକ୍, ଦେବବ୍ରତ ବେହେରା, ଚିରଞ୍ଜୀବ ଜେନା, ଭରତ ଭଞ୍ଜ, ସାଇପଦ୍ମ ନାୟକ ପ୍ରମୁଖ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି।

### ପୂର୍ବତନ ସମିତିସଭ୍ୟଙ୍କ ମାତୃ ବିୟୋଗ

ଧାମନଗର,୫।୧୧(ସନ୍ତୋଷ କୁମାର ମହାପାତ୍ର)-ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତ ପଳିକିରି ଗ୍ରାମର ଧର୍ମପରାୟଣା ମହିଳା ତଥା ବିଜେଡି ନେତା, ପୂର୍ବତନ ସମିତିସଭ୍ୟ ସୁଦର୍ଶନ ମାଝୀଙ୍କ ମା' ଓ ପୂର୍ବତନ ସରପଞ୍ଚ ସୁମିତ୍ରା ମାଝୀଙ୍କ ଶାଶୁ ବାୟାଣୀ ମାଝୀ(୮୮)ଙ୍କର ରବିବାର



ସକାଳେ ପରଲୋକ ହୋଇଛି। ଗତ କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ସରପଞ୍ଚଙ୍କ ପ୍ରତିନିଧି କପିଳେନ୍ଦ୍ର ବଳ, ଡ. ସଞ୍ଜୟ ଦାସ, ଶିକ୍ଷାବିତ୍ ତ୍ରିଲୋଚନ ନାୟକ, ଦିଲୀପ ଦାଶ, ରମଣୀ ରଞ୍ଜନ ଦାଶ, ରାଜକିଶୋର ଖଟୁଆ, ଗୋବର୍ଦ୍ଧନ ପ୍ରଧାନ, ଦିଲୀପ ପ୍ରଧାନ, ଶୈଳେନ୍ଦ୍ର ଜେନା ପ୍ରମୁଖ ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ପୁଅ ଦୟାନିଧି, ମାୟାଧର, ମଦନ, ଲକ୍ଷ୍ମୀଧରଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ସାନପୁଅ ସୁଧାକର ମୁଖାଗ୍ନି ଦେଇଥିଲେ।

# କାର୍ଯ୍ୟ ବନ୍ଦକଲେ ପଞ୍ଚାୟତବାସୀ

**ଠାକୁରମୁଣ୍ଡା-ରୁପ୍‌ସା ରାସ୍ତା**

- ନିମ୍ନମାନର କାର୍ଯ୍ୟକୁ ନେଇ ତେଜୁଛି ବିବାଦ
- ମାନ ନିରୂପଣ ଅଧିକାରୀଙ୍କ ଦ୍ୱାରା ତଦନ୍ତ ଦାବି

ବାରିପଦା,୫।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-ରୁପ୍‌ସା ରାସ୍ତାର ଭୀମଦାଠାରେ ପ୍ରଶସ୍ତୀକରଣ କାର୍ଯ୍ୟରେ ଅନିୟମିତାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ନିମ୍ନମାନର କାର୍ଯ୍ୟକୁ ନେଇ ରବିବାର ସ୍ଥାନୀୟ ଲୋକେ କାର୍ଯ୍ୟ ବନ୍ଦ କରିବା ସହିତ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଠିକ୍ ଉଚ୍ଚତା ଓ ନିର୍ମାଣରେ ବ୍ୟବହାର ସାମଗ୍ରୀର ମାନ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବାକୁ ତିନି ପଞ୍ଚାୟତବାସୀ ଦାବି କରିଛନ୍ତି। କାର୍ଯ୍ୟର ମାନ ନିୟନ୍ତ୍ରଣ ଅଧିକାରୀ ତଦନ୍ତ କରିବାକୁ ଅଡ଼ି ବସିଛନ୍ତି।

ସୂଚନା ଅନୁଯାୟୀ, ପୂର୍ତ୍ତ ବିଭାଗ ଅଧୀନରେ ଠାକୁରମୁଣ୍ଡାଠାରୁ ରୁପ୍‌ସା ପର୍ଯ୍ୟନ୍ତ ଏମ୍‌ଡିଆର-୭୦ ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। କାର୍ଯ୍ୟ ପାଇଁ ବିଭାଗୀୟ ଅନୁଦାନ ୨୨ କୋଟି ୫୯ଲକ୍ଷ ୭୦ହଜାର ୧୪୪ଟଙ୍କା ଅନୁମୋଦନ କରାଯାଇଛି। ମାତ୍ର କାର୍ଯ୍ୟ ନିମ୍ନମାନର ହେଉଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳ ଓ ନିର୍ବାହୀଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା।



୩ ପଞ୍ଚାୟତବାସୀ ରାସ୍ତାରୋକୋ କରିଛନ୍ତି।

୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟର ତଦନ୍ତ କରିବାକୁ ଦାବି କରାଯାଇଥିଲା। ବିଭାଗୀୟ ଅଧିକାରୀମାନେ ତରବରିଆ ଭାବେ ତଦନ୍ତ କରି ଏହାକୁ ଠିକ୍ ଭାବେ କରାଯାଉଥିବା ନେଇ ରିପୋର୍ଟ ପ୍ରକାଶ କରିଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ଅଭିଯୋଗ ହୋଇଥିବା ଅଧିକାରୀମାନେ ଜଣାଉଥିବା ବେଳେ ପ୍ରକୃତ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଛି ବୋଲି ଗ୍ରାମର ନୃସିଂହ ବିନ୍ଧାଣୀ, ସରୋଜ ବେହେରା, ବିକାଶ ସାହୁ, ନିରଞ୍ଜନ ଗାୟା କହିଛନ୍ତି। ୬ ମାସ ପୂର୍ବେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅଭିଯୋଗ ପରେ ରାତି ଅଧିଆ ଫଳକ ବସାଇ ଦିଆଗଲା। ପୁରୁଣା ରାସ୍ତାର ପିଚୁକୁ ବ୍ରେଫି କରି ୬ ଇଞ୍ଚ ଉଚ୍ଚତାରେ ସିଲେକଟେଡ ଆର୍ଥ କିମ୍ବା ମୋରମ ପକାଇ ସବଗ୍ରେଡ୍ କରିବା ପରିବର୍ତ୍ତେ ନିମ୍ନମାନର କାର୍ଯ୍ୟ କରାଯାଉଛି। କୌଣସି ଅଧିକାରୀ କାର୍ଯ୍ୟସ୍ଥଳକୁ ଆସୁ ନ ଥିବାର ପୂର୍ବତନ ସରପଞ୍ଚ ବିରଞ୍ଚି ନାରାୟଣ ମହାପାତ୍ର, ସୁରେଶ ଚନ୍ଦ୍ର ପତି ପ୍ରକାଶ କରିଛନ୍ତି। ସେହିପରି ସାଢେ ୪ଫୁଟ ଉଚ୍ଚତାରେ ରାସ୍ତା ନିର୍ମାଣ ହେବାକୁ ଥିବା ବେଳେ ଦୁଇ ଫୁଟ କରାଯାଇଛି। କାର୍ଯ୍ୟାଦେଶ ପାଇବାର ଅଳ୍ପ ଦିନରେ ସାଢ଼େ ତିନିକୋଟି ଟଙ୍କାର ବିଲ ପୈଠ କରିବା ଘଟଣା ବିଭାଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ପ୍ରକାଶ ମହାପାତ୍ର ଓ ରାଜେଶ ଶତପଥି କହିଛନ୍ତି। ଭୀମଦା-ମାଣଡ୍ରୀ ରାସ୍ତାରେ ଥିବା ଅଣଓସାରିଆ ପୋଲକୁ ଭାଙ୍ଗି ନୂତନ ପୋଲ ନିର୍ମାଣ କାର୍ଯ୍ୟ କରା ନ ଯାଇ ରାସ୍ତା ହେଉଛି। ସାଢ଼େ ତିନି ମିଟର ରାସ୍ତାକୁ ଓସାରିଆ କରି ଦଶ ମିଟର କରିବାର ଅଟକଳ ପ୍ରଦାନ କରାଯାଇଛି। ମାତ୍ର ସ୍ଥାନେ ସ୍ଥାନେ ଓସାରିଆ ଥିବା ରାସ୍ତାକୁ ଆବଶ୍ୟକ ଗଭୀରତାରେ ଖୋଳା ନ ଯାଇ ଜେସିବି ମାଧ୍ୟମରେ ରାମ୍ପିଦେଇ କାର୍ଯ୍ୟ ହେଉଛି। ଏଭଳି ଅନିୟମିତତାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ପଞ୍ଜୀକୃତ ଚାଷ ଜମିରେ ଯାଞ୍ଚ ଆରମ୍ଭ

କେନ୍ଦୁଝର,୫।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

**ଅଧା କ୍ଷେତରେ ଚାଷ ହୋଇନି**

କେନ୍ଦୁଝର ଜିଲାର ୬୦ ହଜାର ୯୪୧ ଜଣ ଚାଷୀ ସେମାନଙ୍କ ୮୧ ହଜାର ୧୨୯ ପ୍ଲଟ୍‌ରେ ଚାଷ କରିଥିବା ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଆଗକୁ ଧାନ କିଣା ଆରମ୍ଭ ହେବ। ଏଣୁ ଚାଷୀଙ୍କୁ ଟୋକନ ଦେବା ପୂର୍ବରୁ ଜମିରେ ଧାନ ହୋଇଛି କି ନାହିଁ ତାହାର ସାଟେଲାଇଟ ସର୍ଭେ କରାଯାଇଛି। ସର୍ଭେ ବେଳେ କେତେକ ଜମିରେ ଧାନ ଚାଷ ହୋଇଛି କି ନାହିଁ ଜଣାପଡ଼ିଲାନାହିଁ। ଏଣୁ ଏଭଳି ସନ୍ଦେହ ପୂର୍ଣ୍ଣ ଜମିର ଯାଞ୍ଚ ବ୍ୟକ୍ତିଗତ ଭାବରେ ଆରମ୍ଭ ହୋଇଛି। ଏଥିପାଇଁ କର୍ମଚାରୀଙ୍କୁ ତାଲିମ ଦିଆଯାଇ ଯାଞ୍ଚ ଆରମ୍ଭ ହୋଇଥିବା ଡିଷ୍ଟ୍ରିକ୍ଟ ରେଜିଷ୍ଟ୍ରାର ଅଫ କୋ ଅପରେଟିଭ ସୋସାଇଟି ଶୁଭକାନ୍ତ ତୁଙ୍ଗ କହିଛନ୍ତି।

ସୂଚନା ଅନୁଯାୟୀ, ପ୍ଲଟ୍ ସବୁ କାଗଜପତ୍ର ଯାଞ୍ଚ କରି ପଞ୍ଜୀକରଣ କରାଯାଇଛି। ସାଟେଲାଇଟ୍ ସର୍ଭେ ବେଳେ ବିଭିନ୍ନ ସମବାୟ ସମିତି ଅଧୀନରେ ପ୍ଲଟ୍ ଯାଞ୍ଚ ବେଳେ ଅନେକ ପ୍ଲଟ୍‌ରେ ଚାଷ ହୋଇ ନ ଥିବା ବା ସସପେକ୍ଟ ଜମି ଭାବରେ ଚିହ୍ନଟ ହୋଇଥିଲା। ଏବେ ବ୍ୟକ୍ତିଗତ ଭାବେ କ୍ଷେତ୍ର ପରିଦର୍ଶନ କରି ଉକ୍ତ ଜମିକୁ ଯାଇ ଚାଷ ହୋଇଛି କି ନାହିଁ ଫଟୋ ଉଠାଇ ଯାଞ୍ଚ କରାଯାଉଛି। ଶନିବାର ସୁଦ୍ଧା ୧୧୮୦ ପ୍ଲଟ୍ ଯାଞ୍ଚ ହୋଇଛି। ସେଥିରୁ ୨୧୧ ପ୍ଲଟ୍‌ରେ ଧାନ ଚାଷ ହୋଇଛି। ଅନ୍ୟ ଜମିରେ ଧାନ ହୋଇନାହିଁ। ପଞ୍ଜୀକୃତ ଜମି ମଧ୍ୟରେ ଅଳତି ସମବାୟ ସମିତିରେ ୧୧୩୯ ପ୍ଲଟ୍ ପରିଦର୍ଶନ କରି ଯାଞ୍ଚ ଚାଲିଥିବା ବେଳେ ଆନନ୍ଦପୁର ସମବାୟ ସମିତିରେ ୩୩୦, ବଡ଼ରମ୍ଭାସରେ ୧୧୨୯, ବଳରାମପୁରରେ ୧୯୭୩, ବାଙ୍ଗୋରରେ ୧୨୧୨, ବାଟୋରେ ୧୬୩୧, ବାଉଁଶଗଡ଼ରେ ୨୫୨, ବେଲବାହାଲିରେ ୪୦୯୯, ଭଣ୍ଡାରେ ୩୦୯୯, ଚମ୍ପୁଆରେ ୧୩୨୭, ଡଅଁରରେ ୩୩୫୫, ଦରଡ଼ିପାଳରେ ୧୮୯୮, ଦେଓଗାଁରେ ୧୮୭୪, ଡେଙ୍କିକୋଟ୍‌ରେ ୧୩୨୮ଟି, ଫକୀରପୁରରେ ୧୭୩୯, ଗଡ଼ବାନ୍ଧଗୋଡ଼ାରେ ୮୭୭, ଗୟଳମୁଣ୍ଡାରେ ୬୦୩, ଗୋନାସିକାରେ ୧୯୬, ହରିଚନ୍ଦନପୁରରେ ୫୧୩୯, ଜଂଘିରାରେ ୫୪୮୯, ଝୁମ୍ପୁରାରେ ୧୦୭୫, କାଳିଆହତାରେ ୭୧୨, କେଶଦୁରାପାଳରେ ୫୨୪, ଖଲଣାରେ ୨୩୩୨, ଖାଳିଆମେଣ୍ଟାରେ ୧୨୬୩, କୋଡ଼ପଡ଼ାରେ ୮୮୦, ମରେଗାଁରେ ୧୩୪୯, ନୟାକୋଟରେ ୨୮୪, ପଳାଶପଙ୍ଗାରେ ୧୬୩୨, ପାଞ୍ଚଗୋଛିଆରେ ୧୫୭୪, ପଞ୍ଚୁପଲ୍ଲୀରେ ୯୦୦, ପଣସଡ଼ିହାରେ ୩୦୭, ପାଟଣାରେ ୪୦୨୪, ରାଜନଗରରେ ୩୨୧୯, ନରଣପୁରରେ ୩୪୬୪, ସଡ଼ାରେ ୧୩୩୨, ସାହାରପଡ଼ାରେ ୩୧୨୨, ଶୈଳଙ୍ଗରେ ୨୦୦୪, ଶାଳଦେଈରେ ୨୦୨୭, ସମଣାରେ ୨୯୨୨, ଶିରିଗିଡ଼ାରେ ୧୦୧୦, ସୋସୋରେ ୧୭୫୪, ଶୁଆକାଟିରେ ୫୬୬, ତରତରାରେ ୧୪୬୭, ତେଲକୋଇରେ ୧୬୫୧ ଏବଂ ଉଖୁଣ୍ଡାରେ ୧୨୭୪ଟି ସସ୍‌ପେକ୍ଟ ଚାଷଜମିର ଚିହ୍ନଟ ଚାଲିଛି।

# ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ୍‌ର କାର୍ଯ୍ୟକାରୀ ବୈଠକ



ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ୍‌ର ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଉଛି।

ବାଲେଶ୍ୱର,୫।୧୧(ମାନସ ବିଶ୍ୱାଳ)

**କାର୍ଯ୍ୟକାରୀ ସଭାପତି ଦେବାଶିଷ, ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ମନୋନୀତ**

ବାଲେଶ୍ୱର ସହର ବାଲିଆ ସ୍ଥିତ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ୍ ଅଫିସରେ ଏକ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଦେବାଶିଷ ପଣ୍ଡାଙ୍କୁ ସଂଘର କାର୍ଯ୍ୟକାରୀ ସଭାପତି, ଜ୍ୟୋତିକୃଷ୍ଣ ବେହେରାଙ୍କୁ ସଂଘର ସାଧାରଣ ସମ୍ପାଦକ ଏବଂ ତପନ କୁମାର ବେହେରାଙ୍କୁ କାର୍ଯ୍ୟାଳୟ ସମ୍ପାଦକ ଭାବେ ମନୋନୀତ କରାଯାଇଛି।

ବୈଠକରେ ବରିଷ୍ଠ ସଦସ୍ୟ ଯୋଗେଶ ଚନ୍ଦ୍ର ଅଗସ୍ତି ସଭାପତିତ୍ୱ କରିଥିଲେ। ଉପସ୍ଥିତ ବରିଷ୍ଠ ସଦସ୍ୟମାନେ ୟୁନିୟନ୍‌ର ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସମସ୍ତେ ଏକ ହୋଇ ଶ୍ରମିକ କର୍ମଚାରୀମାନଙ୍କର ପଡ଼ି ରହିଥିବା ବିଭିନ୍ନ ସମସ୍ୟାକୁ କିପରି ଯଥାଶୀଘ୍ର ସମାଧାନ କରାଯିବା ସହିତ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନେସ୍କୋ ପାୱାର ଏମ୍ପ୍ଲାଇଜ ୟୁନିୟନର ସାଙ୍ଗଠନିକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଶପଥ ନେଇଥିଲେ। ବିଭିନ୍ନ ଡିଭିଜନ ଗୁଡ଼ିକରେ ଯଥାଶୀଘ୍ର କ୍ଷେତ୍ରୀୟ ସାଧାରଣ ବୈଠକମାନ ଅନୁଷ୍ଠିତ ହୋଇ କର୍ମଚାରୀମାନଙ୍କର ବିଭିନ୍ନ ଆଞ୍ଚଳିକ ସମସ୍ୟାକୁ ସମାଧାନ କରିବା ସହିତ ସଭ୍ୟମାନଙ୍କର ଅତି ନିକଟତର ହେବାକୁ ଅନବରତ ଚେଷ୍ଟା ଜାରି ରଖିବା ଓ ସଂଗଠନକୁ ଆହୁରି ସୁଦୃଢ଼ କରିବାକୁ ସଂଘର ସାଧାରଣ ସମ୍ପାଦକ ବେହେରା ପ୍ରକାଶ କରିଥିଲେ। ସଭାରେ ସଂଘର ସ୍ଥାୟୀ ସଭାପତି ଜଗଦୀଶ ଚନ୍ଦ୍ର ବେହେରା ଓ ଉପ-ସଭାପତି ମୁକ୍ତିକାନ୍ତ ପଣ୍ଡା, ବରିଷ୍ଠ ନେତୃବୃନ୍ଦ ମୁକ୍ତିକାନ୍ତ ପଣ୍ଡା, ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ଆଶିଷ କୁମାର ଜେନା, ଭରତ ଚନ୍ଦ୍ର ସେଠୀ, ଅକ୍ଷୟ କୁମାର ଜେନା, ଗୋଲକ ଚନ୍ଦ୍ର ସାମଲ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ନୀଳଗିରିକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ତେଜିଲା

ନୀଳଗିରି,୫।୧୧(ପ୍ରଶାନ୍ତ ବିଶ୍ୱାଳ)

**୭ରେ ପଦଯାତ୍ରା**

ନୀଳଗିରିକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ଜୋର ଧରିଛି। ଆସନ୍ତା ୭ତାରିଖରେ ନୀଳଗିରି ଜଗନ୍ନାଥ ମନ୍ଦିରଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଏକ ପଦଯାତ୍ରା ଲାଗି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ଅଞ୍ଚଳର ଶତାଧିକ ଜନସାଧାରଣ ସାମିଲ ହେବେ। ପୂର୍ବରୁ ନୀଳଗିରିକୁ ସ୍ୱତନ୍ତ୍ର ଜିଲା ଘୋଷଣା ଦାବିରେ ବିଭିନ୍ନ ସମୟରେ ସରକାରଙ୍କଠାରେ ଦାବି ହୋଇଆସୁଥିଲା ବେଳେ ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି। ଏହାର ପ୍ରତିବାଦରେ ନୀଳଗିରି ଜିଲା କ୍ରିୟାନୁଷ୍ଠାନ କମିଟିର ପ୍ରସ୍ତାବ କ୍ରମେ ପଦଯାତ୍ରୀମାନେ ବିରାଟ ପଟୁଆରରେ ବାଲେଶ୍ୱର ଅଭିମୁଖେ ବାହାରିବେ। ସେଠାରେ ଜିଲାପାଳଙ୍କୁ ସାକ୍ଷାତ କରି ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବେ। ଏନେଇ ନୀଳଗିରି ଜିଲା କ୍ରିୟାନୁଷ୍ଠାନ କମିଟିର ଆବାହକ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି। ଏଥିସହିତ ସ୍ୱାଭିମାନୀ ନୀଳଗିରିବାସୀ ହକ୍ ପାଇଁ ଏହି ପଦଯାତ୍ରାରେ ସାମିଲ ହେବାକୁ ସେ ନିବେଦନ କରିଛନ୍ତି।

# ଟ୍ରକ୍ ଓଲଟି ୧୫ ଗୋରୁ ମୃତ

ତେଲକୋଇ(ରଞ୍ଜିତ ବିଶ୍ୱାଳ)/କେନ୍ଦୁଝର(ନରେଶଚନ୍ଦ୍ର ପଟ୍ଟନାୟକ),୫।୧୧

କେନ୍ଦୁଝର ଜିଲା ତେଲକୋଇ ଥାନା ୪୯ ନଂ. ଜାତୀୟ ରାଜପଥ ବିଞ୍ଝାବାହାଲ ବସ୍‌ଷ୍ଟାଣ୍ଡ ନିକଟରେ ଏକ ବେଆଇନ ଗୋରୁବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଘଟଣାରେ ବାହାର ରାଜ୍ୟକୁ ଚାଲାଣ ହେଉଥିବା ୧୫ ଗୋରୁଙ୍କ ମୃତ୍ୟୁ ଘଟିଛି। ବହୁ ଗୋରୁ ଆହତ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ରବିବାର ଭୋର ସମୟରେ ସମ୍ବଲପୁରରୁ କେନ୍ଦୁଝର ଆଡ଼କୁ ୧୬ ଚକିଆ ଟ୍ରକ୍ ଯାଉଥିଲା। ବିଞ୍ଝାବାହାଲ ନିକଟରେ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଟ୍ରକ୍‌ରେ ଥାକ ଥାକ ହୋଇ ଗୋରୁ ବୋଝେଇ ହୋଇଥିବା ଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଟ୍ରକ୍‌ରୁ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ତେଲକୋଇ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ଲୋକଙ୍କ ସହାୟତାରେ ଗୋରୁଙ୍କୁ ଉଦ୍ଧାର କରିଥିଲେ। ତେବେ ଟ୍ରକ୍ ମଧ୍ୟରେ ଚାପି ହୋଇ ୧୫ ଗୋରୁଙ୍କ ମୃତ୍ୟୁ ଘଟିଥିଲା। ଆହତ ଗୋରୁଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ଚିକିତ୍ସା ଜାରି ରହିଛି। ତେଲକୋଇ ପୋଲିସ ଏକ ମାମଲା(ନଂ.୨୨୬/୨୩)ରୁଜୁ କରି ଟ୍ରକ୍ ଜବତ କରି ତଦନ୍ତ ଜାରି ରଖିଛି। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି।



ସ୍ଥାନୀୟ ଲୋକେ ଟ୍ରକ୍‌ରୁ ଗୋରୁଙ୍କୁ ବାହାର କରୁଛନ୍ତି।

# 'ମାନବିକତାକୁ କବିତାରେ ତୋଳି ଧରିଥିଲେ ବସନ୍ତ'

ଭଦ୍ରକ,୫।୧୧ (ସନାତନ ରାଉତ/ରବିନାରାୟଣ ଖିଲାର)

**୩୫ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ**

ମାନବିକତାକୁ ନିଜ କବିତାରେ ତୋଳି ଧରିଥିଲେ କବି ବସନ୍ତ ମୁଦୁଲି। ସାଲିସବିହୀନ ଜୀବନ ଜିଇଁବା ସହ କବିତାର କାରୁକାର୍ଯ୍ୟରେ ଜୀବନକୁ ନୂଆ ଅର୍ଥ ଓ ରଙ୍ଗ ଦେବାରେ ସେ ବ୍ରତୀ ଥିଲେ ବୋଲି ରବିବାର ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ୩୫ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ମୃତି ସଂସଦର ସଭାପତି ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କବି ଅମରେଶ ପଟ୍ଟନାୟକ, ମୁଖ୍ୟବକ୍ତା କବି ଆଶୁତୋଷ ପରିଡ଼ା, ଅନ୍ୟତମ ଅତିଥି କବି ବାସୁଦେବ ସୁନାନୀ ଓ ଅଧ୍ୟାପକ ଦତ୍ତାତ୍ରେୟ ଦାଶ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶିଳ୍ପା ସେଠୀ ଓ ଚୈତାଳି ଖିଲାର 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାଇଥିଲେ। ଗାଳ୍ପିକ ରଜନୀକାନ୍ତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂସଦର ଉପସଭାପତି କବି ନିରାକାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କୃଷ୍ଣକୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବୌଦ୍ଧ ଜିଲାର ଯୁବକବି ନରେନ୍ଦ୍ର କୁମାର ଭୋଇ ଏବଂ କେନ୍ଦୁଝରର ଯୁବକବି ଚିତ୍ତରଞ୍ଜନ ନାୟକଙ୍କୁ 'ବସନ୍ତ ମୁଦୁଲି କବିତା ପୁରସ୍କାର' ପ୍ରଦାନ କରାଯାଇଥିଲା। ସଂସଦର ସଂଯୋଜକ ଅରୁଣ ଖିଲାର କର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଯୁଗ୍ମ ସମ୍ପାଦକ ଅମିତାଭ ଖିଲାର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଭାତ ସିହ୍ନାଙ୍କ ଗଳ୍ପ ପୁସ୍ତକ 'କୁସୁମ୍ଭ ଓ ଅନ୍ୟାନ୍ୟ ଗଳ୍ପ' ଉନ୍ମୋଚିତ ହୋଇଥିଲା। କବିପୁତ୍ର ପାର୍ଥସାରଥୀ ମୁଦୁଲି, କିଶୋର ପାଣିଗ୍ରାହୀ, ନିରଞ୍ଜନ ସ୍ୱାଇଁ, ଡ. ରବୀନ୍ଦ୍ର ପଣ୍ଡା, ହରପ୍ରିୟା ସେଠୀ, ଶାନ୍ତନୁ ମହାପାତ୍ର, ସୁଧାକର ମହାପାତ୍ର, ଅଭିନାଶ ଖିଲାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# କାନପୁର ଡ୍ୟାମ୍ ପାଣିରେ ଚାଲିବ ସ୍ଲରି

ଯାଜପୁର,୫।୧୧(ହର୍ଷବର୍ଦ୍ଧନ ବେହେରା)

- ରବି, ଖରାଦିନିଆ ଚାଷ ପ୍ରଭାବିତ ହେବ
- ଫେବୃୟାରୀରୁ ଜୁନ୍ ପର୍ଯ୍ୟନ୍ତ ଜଳ ଉତ୍ତୋଳନକୁ କଟକଣା
- ବୈତରଣୀ ଶୁଷ୍କ ହେବା ସନ୍ଦେହ

ରାଜ୍ୟର ବିଭିନ୍ନ ନଦୀଗର୍ଭରୁ ସ୍ଲରି ପାଇପ୍ ଲାଇନ୍ ଯୋଗେ ଖଣିଜ ପଦାର୍ଥ ପରିବହନ ପାଇଁ ୧୨ଟି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଏଥିରେ ବୈତରଣୀ ନଦୀରୁ ୫ଟି ସ୍ଲରି ପାଇପ୍ ଲାଇନ ପ୍ରକଳ୍ପ ରହିଛି। ସେଥିମଧ୍ୟରୁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିଃ ଦ୍ୱାରା ସ୍ଲରି ପାଇପ୍ ଲାଇନ ଯୋଗେ ଯୋଡ଼ା/କୋଇଡ଼ାଠାରୁ ଯାଜପୁର ଜିଲା ଦେଇ ପାରାଦୀପକୁ ବାର୍ଷିକ ୩୦ ମେଟ୍ରିକ ଟନ୍ ଖଣିଜ ପଦାର୍ଥ ପରିବହନ ହେବ। ଏଥିପାଇଁ ବୈତରଣୀ ନଦୀରୁ ୩୯ କ୍ୟୁସେକ୍ ପାଣି ବ୍ୟବହାର କରିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ଅନୁମୋଦନ ଦିଆଯାଇଛି। ଏହି ପାଣି ଯାଜପୁର ଜିଲାର ବୈତରଣୀ ନଦୀର ଉପରମୁଣ୍ଡରେ ନିର୍ମାଣାଧୀନ କାନପୁର ଜଳସେଚନ ପ୍ରକଳ୍ପରୁ ଉଠେଇବାକୁ ନିଷ୍ପତ୍ତି ହୋଇଛି। ତେବେ ରବି ଏବଂ ଖରାଦିନିଆ ଚାଷ ଯେପରି ପ୍ରଭାବିତ ନ ହେବ ସେଥିପାଇଁ ଫେବୃୟାରୀଠାରୁ ଜୁନ୍ ପର୍ଯ୍ୟନ୍ତ କାନପୁର ଜଳସେଚନ ପ୍ରକଳ୍ପରୁ ପାଣି ବ୍ୟବହାର ହୋଇପାରିବ ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ୪।୯।୨୦୨୩ରେ ୱାଟର ଆଲୋକେଶନ କମିଟି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହିକ୍ରମରେ କାନପୁର ଜଳସେଚନ ପ୍ରକଳ୍ପରୁ ପାଣି ବ୍ୟବହାର କରାଗଲେ ନଦୀଜଳ ଶୁଷ୍କ ହେବା ସହ ଚାଷ ଉପରେ ସମ୍ପୂର୍ଣ୍ଣ ପ୍ରଭାବ ପକାଇବ ବୋଲି ଜଳସମ୍ପଦ ବିଭାଗ ପରୋକ୍ଷରେ ସ୍ୱୀକାର କରିଥିବା ସ୍ପଷ୍ଟ ହେଉଛି।

କେନ୍ଦୁଝର ଜିଲା ଗୋନାସିକା ପର୍ବତରୁ ଉତ୍ପତ୍ତି ହୋଇଥିବା ବୈତରଣୀ ନଦୀ ଶୁଷ୍କ ହୋଇଯିବ। ପ୍ରସିଦ୍ଧ ବାରୁଣୀ ସ୍ନାନ ଇତିହାସ ହୋଇଯିବ। ଯାଜପୁର ଜିଲା ସଦର ବ୍ଲକ ସମେତ ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ୧୩,୧୦୦ ହେକ୍ଟର ଚାଷଜମିରେ ହେଉଥିବା ଫସଲ ପାଇଁ ଆଉ ପାଣି ମିଳିବ ନାହିଁ। ଏହି ନଦୀଜଳରେ ୫ଟି ସ୍ଲରି ପାଇପ୍ ଲାଇନ୍ ନିର୍ମାଣ ହେଲେ ଏଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ଯାଜପୁର ଜିଲାବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ପୂର୍ବରୁ ଯୋଡ଼ାରୁ ପାରାଦୀପକୁ ଏସାର ଷ୍ଟିଲ୍‌ର ସ୍ଲରି ପାଇପ୍‌ଲାଇନ କାର୍ଯ୍ୟ ଚାଲିଥିବାବେଳେ କଳିଙ୍ଗନଗରକୁ ବିଆରପିଏଲ୍‌ର ସ୍ଲରି ପାଇପ୍‌ଲାଇନ ଯୋଗେ ଲୁହାପଥରର ପରିବହନ ଜାରି ରହିଛି। କେନ୍ଦୁଝର ଜିଲା ଯୋଡା ଖଣି ଅଞ୍ଚଳରୁ ପାଇପ୍ ଯୋଗେ ଲୁହାପଥର ଓ ପାଣି ଲୁଟ୍ କରିବା ପାଇଁ କେତେକ କମ୍ପାନୀ ଧାଡ଼ି ଲଗାଇଛନ୍ତି। ପାଇପ୍ ବିଛା ନାମରେ କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ବ୍ୟାପକ ଜଙ୍ଗଲ ଧ୍ୱଂସ ହେଉଥିବା ଅଭିଯୋଗ ହେଉଛି। ଏହା ପ୍ରାୟ ୭୦ କିମି ସଂରକ୍ଷିତ ଜଙ୍ଗଲ, ୩୦ କିମି ସୁରକ୍ଷିତ ଜଙ୍ଗଲ ଓ ୨୦ କିମି ଅନ୍ୟାନ୍ୟ ଜଙ୍ଗଲ ଦେଇ ଯାଉଥିବା କୁହାଯାଉଛି। ବଡ଼ବିଲ, ରିମୁଳି, କେନ୍ଦୁଝର, ଆନନ୍ଦପୁର, ଯାଜପୁରରୋଡ୍, କଳିଙ୍ଗନଗର, ଚଣ୍ଡିଖୋଲ ଦେଇ ପାରାଦୀପକୁ ପାଇପ୍ ବିଛା କାମ ଚାଲିଛି। ଭୂତଳ ପାଇପ୍ ଯୋଗେ ଲୁହାପଥର ପରିବହନ ପ୍ରକଳ୍ପ ଯଦି ହୋଇ ନ ଥାନ୍ତା ଯୋଡ଼ା, ବଡ଼ବିଲଠାରୁ ପାରାଦୀପ ପର୍ଯ୍ୟନ୍ତ ଲୁହାପଥର ପରିବହନ କରି ଯାଜପୁର ଓ କେନ୍ଦୁଝର ଜିଲାର ୫୦ହଜାରରୁ ଊର୍ଦ୍ଧ୍ୱ ଟ୍ରକ ମାଲିକ ଲାଭବାନ୍ ହୋଇଥାନ୍ତେ ବୋଲି ମତପ୍ରକାଶ ପାଇଛି।

ଜଳସମ୍ପଦ ବିଭାଗ ପକ୍ଷରୁ ରିପୋର୍ଟରେ ଦର୍ଶାଯାଇଛି ଯେ, ଜେଏସ୍‌ଡବ୍ଲ୍ୟୁ ବୈତରଣୀ ନଦୀର ମିରିଗିସିଂହାଠାରେ ଇନ୍‌ଟେକ୍ ୱେଲ୍ ନିର୍ମାଣ କରି ବର୍ଷାଦିନେ ପାଣି ଉତ୍ତୋଳନ କରିବ। କାନପୁର ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଇନଟେକ୍ ୱେଲ୍ ସେଠାକୁ ସ୍ଥାନାନ୍ତର କରାଯିବ। କାନପୁର ଡ୍ୟାମ୍‌ର ଉପରମୁଣ୍ଡରେ ପ୍ରାୟ ୧୬୦୦ ମିଟର ଦୂରରେ ଇନ୍‌ଟେକ୍ ୱେଲ୍ ନିର୍ମାଣ କରାଯିବ। ତେବେ ଜଳସମ୍ପଦ ବିଭାଗର ସମୀକ୍ଷାରୁ ଜଣାପଡିଛି ଯେ, ରବି ଏବଂ ଖରାଦିନିଆ ଚାଷରେ ଜଳର ଅଭାବ ରହିବ। ତେଣୁ କମ୍ପାନୀ ଫେବୃୟାରୀଠାରୁ ଜୁନ ପର୍ଯ୍ୟନ୍ତ କାନପୁର ଡ୍ୟାମ୍‌ରୁ ପାଣି ନ ଉଠାଇଲେ ଅତିକମ୍‌ରେ ୭୫ ପ୍ରତିଶତ ରବି ଓ ଖରାଦିନିଆ ଚାଷ ହୋଇପାରିବ। ଏହିକ୍ରମରେ ଜେଏସ୍‌ଡବ୍ଲ୍ୟୁ କାରଖାନା ପରିସରରେ ଏକ ଜଳଭଣ୍ଡାର ନିର୍ମାଣ କରି ଆବଶ୍ୟକ ଜଳ ଅଭାବ ପୂରଣ କରିପାରିବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

**ଧାନ ଖାଇ ନଷ୍ଟ କଲେ ଶିମିଳିପାଳ ହାତୀ**

ଜଲେଶ୍ୱର,(ରବିନାରାୟଣ ପାତ୍ର): ଶିମିଳିପାଳର ପ୍ରାୟ ୧୮ଟି ହାତୀ ରାଇବଣିଆ ଅଞ୍ଚଳରେ ବ୍ୟାପକ କ୍ଷତିକରି ଗତ ୨୮ ତାରିଖରେ ପଶ୍ଚିମବଙ୍ଗକୁ ପଳାଇଥିଲେ। ଗତ ୩ତାରିଖ ସକାଳେ ଫେରିଆସି ପୁଣି ରାଇବଣିଆ ଅଞ୍ଚଳରେ ପଶି ବ୍ୟାପକ ପାଚିଲା ଧାନଖାଇ ନଷ୍ଟ କରିଛନ୍ତି। ରବିବାର ହାତୀପଲ ଜଲେଶ୍ୱରରୁ ମୟୂରଭଞ୍ଜ ରେଞ୍ଜ ଅଞ୍ଚଳକୁ ଚାଲିଯାଇଥିବା କୁହାଯାଇଛି। ସକାଳେ ଅନ୍ୟଏକ ଗୋଠଛଡ଼ା ହାତୀ ଆତଙ୍କ ଖେଳାଇଛି। କେତେକ ଘର ଭଙ୍ଗାରୁଜା କରିଥିବା ଖବର ମିଳିଛି।



## ଆଜି କ'ଣ କେଉଁଠି

**ମୟୂରଭଞ୍ଜ**

- ମୟୂରଭଞ୍ଜ ମହୋତ୍ସବରେ ରାମ ମାରାଣ୍ଡି ଓ ପ୍ରିୟା ମୁଣ୍ଡାଙ୍କ ସଙ୍ଗୀତ ପରିବେଷଣ,ସ୍ଥାନ-ବାରିପଦା ଛଉ ପଡ଼ିଆ, ସମୟ-ସନ୍ଧ୍ୟା ୭ଟା

## 'ଦୁର୍ନୀତି ସାମାଜିକ ପ୍ରଗତିରେ ବାଧା ସୃଷ୍ଟି କରେ'

ଭଦ୍ରକ, ୫।୧୧ (ସନାତନ ରାଉତ)- ଦୁର୍ନୀତି ସାମାଜିକ ପ୍ରଗତିରେ ବାଧା ସୃଷ୍ଟି କରିଥାଏ। ଦୁର୍ନୀତି ନିବାରଣ କରା ନ ଗଲେ ଶାସନ ବ୍ୟବସ୍ଥା ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ ତୁଟିଯିବ ବୋଲି ରବିବାର ଭଦ୍ରକ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସ୍ୱତନ୍ତ୍ର ଅତିଥି ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅନ୍ୟତମ ଅତିଥି ଭାବେ ଭିଜିଲାନ୍ସ ୟୁନିଟ୍ ବାଲେଶ୍ୱର ଏସ୍‌ପି ନରହରି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦୁର୍ନୀତି ନିବାରଣ ଦିଗରେ ଭିଜିଲାନ୍ସ ବିଭାଗ, ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ଜନସାଧାରଣଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସପ୍ତାହ ପାଳନ ଆରମ୍ଭରୁ ଶପଥ ପାଠ, ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା ଓ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ୍, କ୍ରୀଡ଼ା ଅଧିକାରୀ ପଦ୍ମନ ରାୟ, ମିଶନ ଶକ୍ତି କର୍ମକର୍ତ୍ତା, ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ଭିଜିଲାନ୍ସ ଡିଏସ୍‌ପି ବଙ୍କିମ ବାୱାଲି ଧନ୍ୟବାଦ ପ୍ରଦାନ କରିଥିଲେ।

# ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ତଦାରଖ କଲେ

## ଶ୍ରମ କମିଶନରଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୫।୧୧(ଦୀପକ ମିଶ୍ର/ନରେଶଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶାର ଶ୍ରମ କମିଶନର ଡ଼ା ତିରୁମାଲା ନାୟକ ରବିବାର କେନ୍ଦୁଝର ଜିଲା ଗସ୍ତରେ ଆସି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ-୨୦୨୪ ପ୍ରକ୍ରିୟାର ତଦାରଖ କରିଛନ୍ତି। ଜିଲାର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ ବୁଥ୍ ପରିଦର୍ଶନ କରିବା ସହ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ସମୀକ୍ଷା କରିଥିଲେ। ଏହି ଅବସରରେ ବିଭିନ୍ନ ବୁଥ୍‌ରେ ନିୟୋଜିତ ବୁଥ୍‌ସ୍ତରୀୟ ଅଧିକାରୀ, ଜନସାଧାରଣ ତଥା ଭୋଟରମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ୧୮ ବର୍ଷ ବୟସ ହୋଇଥିବା ସାବାଳକ ଏବଂ ୨୦୨୪ ମସିହା ଜାନୁୟାରୀ ୧ ସୁଦ୍ଧା ୧୮ ବର୍ଷ ବୟସ ହେଉଥିବା ଯୁବକ ଯୁବତୀମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଉପରେ ଗୁରୁତ୍ୱଆରୋପ କରିଥିଲେ।



ଶ୍ରମ କମିଶନର ଡା. ତିରୁମାଲା ନାୟକ ଏକ ବୁଥ୍‌ରେ ତଦାରଖ କରୁଛନ୍ତି।

ଜିଲା ସଦର ମହକୁମାରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଶିଷ ଠାକ୍‌ରେ, ଜିଲାର ଉପଜିଲାପାଳ ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ଏବଂ ସହକାରୀ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ସହ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ-୨୦୨୪ ପ୍ରକ୍ରିୟାର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଶ୍ରମ କମିଶନରଙ୍କ ବିଭିନ୍ନ ବୁଥ୍ ପରିଦର୍ଶନ ସମୟରେ ଜିଲାପାଳଙ୍କ ସମେତ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଆନନ୍ଦପୁର ଉପଜିଲାପାଳ ଚିତ୍ତରଞ୍ଜନ ମହାନ୍ତ, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡ଼ା ମଧୁସ୍ମିତା ସାମନ୍ତରାୟ, କେନ୍ଦୁଝର ତହସିଲଦାର ଈଷାନୀ ପଣ୍ଡା, କେନ୍ଦୁଝର ସଦର ବିଡିଓ ତିଳୋତ୍ତମା ପୃଷ୍ଟି, କେନ୍ଦୁଝର ଉପ ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ସଞ୍ଜୀବ ବାରିକ, ହାଟଡିହୀ ବିଡିଓ ସୌମ୍ୟାଶ୍ରୀ ପାଣିଗ୍ରାହୀ, ହାଟଡ଼ିହୀ ତହସିଲଦାର ହବିଲ ଖାଖା, ଘସିପୁରା ବିଡିଓ ମାନସ ରଞ୍ଜନ ସାମଲ ପ୍ରମୁଖ ବିଭିନ୍ନ ବୁଥ୍‌ରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଗତ ୨୭ ଅକ୍ଟୋବର ୨୦୨୩ରୁ ଆରମ୍ଭ ହୋଇଛି। ଆଗାମୀ ୯ ଡିସେମ୍ବର ୨୦୨୩ ରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ନାମ ପଞ୍ଜୀକରଣ ସହିତ, ତ୍ରୁଟି ସଂଶୋଧନ, ସ୍ଥାନାନ୍ତରଣ ପାଇଁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବାକୁ ପଡ଼ିବ।

# ସରିଲା ଭଣ୍ଡାରିପୋଖରୀ ମହୋତ୍ସବ



ଉଦ୍‌ଯାପନୀ ସନ୍ଧ୍ୟାରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଭଣ୍ଡାରିପୋଖରୀ,୫।୧୧(ରବିନାରାୟଣ ଖିଲାର)

ଆମ ସଂସ୍କୃତି ଓ ପରମ୍ପରାରେ ଗଜଲକ୍ଷ୍ମୀ ପୂଜାର ସ୍ୱାତନ୍ତ୍ର୍ୟ ରହିଛି। ମହୋତ୍ସବ ମାଧ୍ୟମରେ ଏହା ଆହୁରି ଆନନ୍ଦଦାୟୀ ହୋଇଛି। ଏହା ପ୍ରେରଣାଦାୟୀ ବୋଲି ଭଣ୍ଡାରିପୋଖରୀ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଭଣ୍ଡାରିପୋଖରୀର ଐତିହ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାଜପା ନେତା ଡା. ପ୍ରଦୀପ ନାୟକ, ଅନ୍ୟତମ ଅତିଥି ଭାବେ ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ବଦ୍ରିନାରାୟଣ ଧଳ, ଉଦ୍ୟୋଗୀ ଶ୍ରୀଧର ସ୍ୱାଇଁ ଓ ଅଭିନେତ୍ରୀ ଜିନା ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସରପଞ୍ଚ ରଞ୍ଜନ ପରିଡ଼ା, ସମବାୟ ସମିତି ସଭାପତି ସାଗର ଲେଙ୍କା, ଯୁବନେତା ସତ୍ୟଜିତ ପାଣିଗ୍ରାହୀ, ରାଜ୍ୟ ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାର, ବଣିକ ସଂଘ ସଭାପତି କମଳାକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ଖବରଦାତା ଦୁର୍ଯ୍ୟୋଧନ ଲେଙ୍କାଙ୍କ ସଂଯୋଜନାରେ ୬ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରକାଶ ନାୟକ ଅତିଥି ପରିଚୟ ଓ ବଣିକ ସଂଘ ସମ୍ପାଦକ ରାଜେନ୍ଦ୍ର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। ଡା. ନାୟକ, ଧଳ ଓ ଅଭିନେତ୍ରୀ ଜିନାଙ୍କ ସଙ୍ଗୀତ ପରିବେଷଣ ଓ ମାଳଦାସ୍ଥିତ ଶିଶୁମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିମୋହିତ ହୋଇଥିଲେ। ପ୍ରାକ୍ତନ ସମିତିସଭ୍ୟ ନୃସିଂହ ଖିଲାର, ୱାର୍ଡସଭ୍ୟା ସୁନ୍ଦରୀ ଦାସ, ଶିକ୍ଷାବିତ୍ ପୀତାମ୍ବର ଦାସ, ଡା. ତପନ ବେହୁରିଆ, ନିମାଇଁ ଦାସ ଓ ରମେଶ ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଜୟ ରାଉତ, ମନୋରଞ୍ଜନ ମହାନ୍ତି, ସୁରେନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବିଜେଡିର ପରିବାର ସମ୍ପର୍କ ପଦଯାତ୍ରା




ପରିବାର ସମ୍ପର୍କ ପଦଯାତ୍ରାରେ ବିଜେଡି ନେତା ଓ କର୍ମୀମାନେ।

ବାଲିଆପାଳ,୫।୧୧(ଗୋପାଳ ଚନ୍ଦ୍ର ସାହୁ)

ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ନେତୃତ୍ୱ ଏବଂ ଯୁବନେତା ରବିନ୍ଦ୍ର ନାଥ ଅଣ୍ଡିଆଙ୍କ ତତ୍ତ୍ୱାବଧାନରେ ରବିବାର ବସ୍ତା ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ପରିବାର ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲିଆପାଳ ବସ୍‌ଷ୍ଟାଣ୍ଡଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ବିଧାୟକ ସାହୁ ଉନ୍ମୋଚନ କରିଥିଲେ। କିଛି ଦିନ ତଳେ ରାଜ୍ୟ ମହିଳା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି

## ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ସୁବାସିନୀ ଜେନାଙ୍କ ନେତୃତ୍ୱ ଏବଂ ଜିଲା ସଭାପତି ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କ ଯୋଗଦାନରେ ମୁକୁଳିସିଠାରେ ପରିବାର ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହି ପଦଯାତ୍ରାରେ ବିଧାୟକ ସାହୁ କିମ୍ବା ତାଙ୍କ ସମର୍ଥକଙ୍କୁ ଦେଖିବାକୁ ମିଳି ନ ଥିଲା। ଉକ୍ତ କାର୍ଯ୍ୟକ୍ରମର କିଛିଦିନ ପରେ ରବିବାର ପଦଯାତ୍ରା ବାହାରି ବାଲିଆପାଳ ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲା।

ବିଧାୟକଙ୍କ ଗୋଷ୍ଠୀର ବାଲିଆପାଳ ବ୍ଲକ ସଭାପତି ଭଗବାନ ଗିରିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁରୁଡ଼ି, ମହାଦେବ ଦାସ, ପୂର୍ବତନ ଜିଲା ପରିଷଦ ସଦସ୍ୟ ହରଗୋପାଳ ସିଂ, ତୁଷାରକାନ୍ତ ଜେନା, ବଡ଼ାପାଳ ସେବା ସମବାୟ ସମିତି ସଭାପତି ଦୟାନିଧି ମହାପାତ୍ର, ପରମେଶ୍ୱରୀ ସାହୁ, ହରେକୃଷ୍ଣ ଜେନା, ଲମ୍ବୋଦର ମାହାନା, ହେମନ୍ତ ଦାସ, ଅନନ୍ତ ବିଶ୍ୱାଳ, ମହେଶ୍ୱର ଜେନା, କାର୍ତ୍ତିକ ନାୟକ, ଜୟନାରାୟଣ ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ବୈଠକ

କେନ୍ଦୁଝର,୫।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡସ୍ତରୀୟ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ ରିମୁଲିଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଜିଲା ସଭାପତି ସଞ୍ଜୟ ବସନ୍ତ ଚକ୍ର, ସମ୍ପାଦକ ରବିନ୍ଦ୍ର ପଣ୍ଡା, ପୂର୍ବତନ ଓଷ୍ଟା ସଭାପତି ପ୍ରସନ୍ନ ରଥ, ପୂର୍ବତନ ଜିଲା ଓଷ୍ଟା ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ରାଉତଙ୍କ ଉପସ୍ଥିତିଥିଲେ। ପୂର୍ବତନ ଜିଲା ଓଷ୍ଟା ସହସମ୍ପାଦକ କାଶିନାଥ ମହାନ୍ତ ଅତିଥି ପରିଚୟ ପ୍ରଦାନ ପୂର୍ବକ ଉପଖଣ୍ଡସ୍ତରୀୟ ଉପସ୍ଥିତି ଥିବା ସମସ୍ତ ଶିକ୍ଷକ କର୍ମଚାରୀଙ୍କୁ ସ୍ୱାଗତ ଜଣାଇଥିଲେ। ବହୁବିଧ ସମସ୍ୟାକୁ ନେଇ ନଭେମ୍ବର ୨୦ ତାରିଖରେ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ଚମ୍ପୁଆ ଉପଖଣ୍ଡସ୍ତରୀୟ କମିଟି ଗଠନ କରାଯାଇଛି। ସଭାପତି ଜୟଚନ୍ଦ୍ର ମହାନ୍ତ, ସମ୍ପାଦକ ଗୌରହରି ଗିରି, ସଂଯୋଜକ ଦୟାନିଧି ମହାନ୍ତ, ଶାନ୍ତନୁ ପ୍ରଧାନ, କଳାକର ମହାନ୍ତ, ପର୍ଶୁରାମ ବାରିକ, ନରହରି ମହାନ୍ତ, ଅନିରୁଦ୍ଧ ପାଢ଼ୀ, ପ୍ରହ୍ଲାଦ ପାଢ଼ୀ, ଅକ୍ଷୟ ମହାକୁଡ଼, ମହେନ୍ଦ୍ର ମହାନ୍ତ ପ୍ରମୁଖ ବ୍ଲକସ୍ତରରେ ମନୋନୀତ ହୋଇଥିଲେ।

## ୪୪୨ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଲେ

### ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩

କେନ୍ଦୁଝର,୫।୧୧(ଦୀପକ ମିଶ୍ର/ନରେଶଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩ ଏବଂ ଓଡ଼ିଶା ମିଲେଟ୍‌ସ ପ୍ରତିଯୋଗିତା କେନ୍ଦୁଝର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସ୍ୱତନ୍ତ୍ର ଭାବେ ଓଡ଼ିଶା ମିଲେଟ୍‌ସର ବକ୍ତୃତା, କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗର କେନ୍ଦୁଝର ଜିଲାର ସମସ୍ତ ବ୍ଲକ୍‌ରୁ ମୋଟ ୪୪୨ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ସହାୟକ ଭାବେ ୭୫ ଗାଇଡ୍ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ତେଲକୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଗୌରିରାଣୀ ନାଏକ, ସମ୍ମାନିତ ଅତିଥିଭାବେ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଅନ୍ୟତମ ସମ୍ମାନିତ ଅତିଥିଭାବେ ଚମ୍ପୁଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। କନିଷ୍ଠ, ବରିଷ୍ଠ ଓ ବରିଷ୍ଠ(ଉଚ୍ଚ ମାଧ୍ୟମିକ) ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଆଦିବାସୀ ସମନ୍ୱିତ ସଂଯୋଜକ ଦୁର୍ଗାପ୍ରସନ୍ନ ନାୟକ ସମ୍ପାଦନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ନଭେମ୍ବର ୧୪ ରୁ ୧୬ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩ ଭୁବନେଶ୍ୱରଠାରେ ଅଂଶଗ୍ରହଣ କରିବେ।




ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବୈଠକ

ଖୁଣ୍ଟା/ ଗୋପବନ୍ଧୁ ନଗର ୫।୧୧ (ଦେବରଞ୍ଜନ ବେହେରା/ଶାନ୍ତନୁ କୁମାର ମଟୁଆଳ)-ଓଡ଼ିଶା ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ ଶାଖା ପକ୍ଷରୁ ସାନଖୁଣ୍ଟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ନଗର ବ୍ଲକ ସଭାପତି ଭୈରବ ମହାପାତ୍ର ଓ ଖୁଣ୍ଟା ବ୍ଲକର ସୁନିତା ସିଂଙ୍କ ଆହ୍ୱାନରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ସମ୍ପାଦକ ଦିବାକର ବିନ୍ଧାଣୀ ଯୋଗଦେଇ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ସମୟରେ ସଂଘ ପକ୍ଷରୁ ସେମାନଙ୍କ ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା, ସମାନ କାମକୁ ସମାନ ଦରମା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି, ସୁରକ୍ଷା ଆଦି ଦାବି ସରକାରଙ୍କଠାରେ ଉପସ୍ଥାପନ କରାଯାଉଛି। ସଂଘର ନିଷ୍ପତ୍ତି ଅନୁଯାୟୀ ସାଧାରଣ ନିର୍ବାଚନ ପୂର୍ବରୁ ସରକାର ଏହି ଦାବି ଉପରେ ବିଚାର ନ କଲେ ପଞ୍ଚାୟତ ସ୍ତରରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଜିଲା ସମ୍ପାଦକ ପ୍ରକାଶ କରିଛନ୍ତି।

# ଗୋଶାଳା ଭିତ୍ତିପ୍ରସ୍ତର ସ୍ଥାପନ

## କୃଷି ମନ୍ତ୍ରୀଙ୍କ ଦିନିକିଆ ମୟୂରଭଞ୍ଜ ଗସ୍ତ

ବାରିପଦା,୫।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦିନିକିଆ ମୟୂରଭଞ୍ଜ ଜିଲା ଗସ୍ତ କରିଛନ୍ତି। ଏହି ଅବସରରେ ବାରିପଦା ସହରରେ ନୂତନ ଗୋଶାଳାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ମୋରଡ଼ା ବିଧାୟକ ରାଜକିଶୋର ଦାସ, ବାରିପଦା ପୌରପରିଷଦର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷ ସୀମା ଦାସ, ପୌରପରିଷଦର ନିର୍ବାହୀ ଅଧିକାରୀ ବସନ୍ତ ସେଠୀ ଏବଂ ଅନ୍ୟାନ୍ୟ ୱାର୍ଡ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ।

ବାରିପଦା ସହରରେ ଏକ ଗୋଶାଳା ନଥିବାରୁ ବହୁ ସମସ୍ୟା ପରିଲକ୍ଷିତ ହେଉଥିଲା। ଯାହାକୁ ନେଇ ବିଭିନ୍ନ ସମୟରେ ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ପ୍ରଦାନ କରାଯାଇଥିଲା। ଏହାକୁ ନେଇ ବିଭାଗ ପକ୍ଷରୁ ଚଳିତ ବର୍ଷ ବଜେଟ୍‌ରେ ଆଗତ ହେବା ସହ ଗୋଶାଳା ନିର୍ମାଣ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉକ୍ତ ଗୋଶାଳାକୁ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗ ଏବଂ ଆବଶ୍ୟକ ଅର୍ଥରାଶି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ବାରିପଦା ସହରବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ଗୋଶାଳା ନିର୍ମାଣ ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି। ଗସ୍ତ ଅବସରରେ ସ୍ଥାନୀୟ ସର୍କିଟ ହାଉସଠାରେ କୃଷି ବିଭାଗ ଏବଂ ମତ୍ସ୍ୟ, ପଶୁପାଳନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନଙ୍କ ସହିତ ମନ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମ ନେଇ ସମୀକ୍ଷା କରିଛନ୍ତି। କୃଷକମାନଙ୍କୁ ସ୍ୱାବଲମ୍ବୀ କରି ସଶକ୍ତ କରିବା ପାଇଁ ବିଭାଗ ପକ୍ଷରୁ କାର୍ଯ୍ୟଧାରାକୁ ନେଇ ସମୀକ୍ଷା ବୈଠକରେ ଆଲୋଚନା କରିଛନ୍ତି। ଏହି ଅବସରରେ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ



ଏନ୍‌ସିସି କ୍ୟାଡେଟମାନଙ୍କ ସଚେତନତା ଶୋଭାଯାତ୍ରା।

ଖଇରା,୫।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା କଲେଜରେ ରବିବାର ଏନ୍‌ସିସି ଛାତ୍ରୀଛାତ୍ରଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଡ.ଉଦୟ ରଞ୍ଜନ ଓ ଅଧ୍ୟାପକ ସୁଜିତ କୁମାର ଛାଟିଆଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟମାନଙ୍କ ଦ୍ୱାରା ବଜାର ପରିକ୍ରମା କରି ସାଧାରଣ ଲୋକଙ୍କୁ ଦୁର୍ନୀତି ନିବାରଣ ବିଷୟରେ ସଚେତନ କରାଇଥିଲେ। ଏହି ସପ୍ତାହ ପାଳନ ଅବସରରେ ଅଧ୍ୟକ୍ଷ ଅରୁଣ କୁମାର ପାଢ଼ୀ, ଅଧ୍ୟାପକ ତଥା ଲେଫ୍ଟନାଣ୍ଟ ଅଧିକାରିଣୀ ଅଧ୍ୟାପିକା ଦେବବ୍ରତୀ ଦାଶ, ଅଧ୍ୟାପକ ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଦୁର୍ନୀତି ନିବାରଣ ପାଇଁ ଶପଥ କରାଇଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ପ୍ରଶାସନ ଉପରେ ବର୍ଷିଲା କଂଗ୍ରେସ

## ଦୁର୍ଘଟଣାରେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ, ମିଶନ ଶକ୍ତି ସଦସ୍ୟାଙ୍କୁ ହତ୍ୟା ଧମକ ନେଇ ପ୍ରତିବାଦ

ଚାନ୍ଦବାଲି, ୫।୧୧(କିଷାନ ପାତ୍ର)

ନିକଟରେ ଏକ ଦୁର୍ଘଟଣାରେ ଗର୍ଭବତୀଙ୍କ ମୃତ୍ୟୁ ଘଟିବା, ମିଶନ ଶକ୍ତି ମହିଳାଙ୍କୁ ହତ୍ୟା ଧମକ ଘଟଣାକୁ ନେଇ କଂଗ୍ରେସ ରବିବାର ଅପରାହ୍ନରେ ଶାସ୍ତ୍ରୀନଗରସ୍ଥିତ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ସ୍ଥାନୀୟ ପ୍ରଶାସନ ଉପରେ ବର୍ଷିଛି। ବିଧାନସଭା ଯୁବ କଂଗ୍ରେସ ସଭାପତି ଶକ୍ତିପ୍ରତାପ ବିଶ୍ୱାଳ ଅଭିଯୋଗ କରିଛନ୍ତି ଯେ, କୋଇଲା ମାଫିଆଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଶୁକ୍ରବାର ଗର୍ଭବତୀ ସୁନୀତା ନାୟକଙ୍କ ଜୀବନ ଗଲା। କୋଇଲା ଚୋରା ଚାଲାଣ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଆଗାମୀ ଦିନରେ ଯୁବ କଂଗେସ ଏହାର ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ମହିଳା କଂଗ୍ରେସ ନେତ୍ରୀ ସୁଲୋଚନା ନାୟକ ଶନିବାର ମିଶନ ଶକ୍ତି ଦୁର୍ନୀତି ଅଭିଯୋଗର ତଦନ୍ତ ଚାଲିଥିବା ବେଳେ ବିଏଲ୍‌ଏଫ୍ ସଭାନେତ୍ରୀ ସଂଘ ସଦସ୍ୟା ଗିରିଜା ନଳିନୀ ଧଳଙ୍କୁ ହତ୍ୟା ଧମକ ଦେଇଥିବା ଘଟଣାକୁ ନିନ୍ଦା କରିଥିଲେ। ବିଧାନସଭା କ୍ଷେତ୍ର ନେତା ଦିଗମ୍ବର ଦାସ, ବ୍ଲକ କଂଗ୍ରେସ ସଭାପତି ବୈଲୋଚନ ପଣ୍ଡା, ଛାତ୍ର କଂଗ୍ରେସ ରାଜ୍ୟ ଉପସଭାପତି ଆଶିଷ ମାହୁନ୍ତ, ନଗର କଂଗ୍ରେସ ସଭାପତି ବଦ୍ରୀନାଥ ନାୟକ, ଯୁବନେତା ନିରଞ୍ଜନ ବେହେରା, ଶରତ ଧଳ, ଧ୍ରୁବଚରଣ ବାରିକ, ସୀତାଂଶୁ ନାୟକ, ସତ୍ୟସୁନ୍ଦର ରାଉତ, ନୁରୁ ମହମ୍ମଦ ଇସମାଇଲ, ବୃନ୍ଦାବନ ମହାଲିକ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା।

# ମିଶନ ଶକ୍ତିରେ ଦୁର୍ନୀତି ନେଇ ତଦନ୍ତ

ଚାନ୍ଦବାଲି, ୫।୧୧(କିଷାନ ପାତ୍ର)

ତୁମର ଏତେ ସାହସ, ଆମ ବିରୋଧରେ ଅଭିଯୋଗ କରିବ। ତୋତେ ଜୀବନରୁ ମାରିଦେବି, ତୋ ସ୍ୱାମୀ ଓ ଛୁଆକୁ ହାଣି ନଦୀରେ ଭସାଇ ଦେବୁ। ଏମିତି କହି ମିଶନ ଶକ୍ତି ଚାନ୍ଦବାଲି ବ୍ଲକ ଫେଡେରେଶନ ସଭାନେତ୍ରୀ ଜଣେ ସ୍ୱୟଂସହାୟକ ମହିଳାଙ୍କୁ ସର୍ବସମ୍ମୁଖରେ ହତ୍ୟା ଧମକ ଦେଇଛନ୍ତି। ଶନିବାର ଚାନ୍ଦବାଲି ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟରେ ମହାଦୁର୍ନୀତି ଅଭିଯୋଗର ତଦନ୍ତ ଚାଲିଥିବା ସମୟରେ ରାଜ୍ୟ ମୁଖ୍ୟାଳୟରୁ ଆସିଥିବା ୪ ଜଣିଆ ତଦନ୍ତକାରୀ ଦଳ, ଜିଲା ସଂଯୋଜକ ଓ ବ୍ଲକ ସଂଯୋଜକଙ୍କ ଉପସ୍ଥିତିରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ଏନେଇ ଶ୍ରୀଲକ୍ଷ୍ମୀ ଆପ୍ଲିଅନ୍ସ, ପିଜି ସଂଘର ସଦସ୍ୟା ଗିରିଜା ନଳିନୀ ଧଳ କାନ୍ଦି କାନ୍ଦି ଅଭିଯୋଗ କରିଥିଲେ। ଏଥିସହ ଦୁର୍ନୀତିର ଅଭିଯୋଗ କଲେ ଏମିତି ଧମକ ମିଳୁଛି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଅପରପକ୍ଷେ ଅଭିଯୋଗ ସମ୍ପର୍କରେ ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ଘଡ଼େଇ ତଦନ୍ତ ପରେ ସବୁ ସତ ଜଣାପଡ଼ିବ ବୋଲି କହିଛନ୍ତି।

## ଅଭିଯୋଗକାରିଣୀଙ୍କୁ ସର୍ବସମ୍ମୁଖରେ ହତ୍ୟା ଧମକ

ବ୍ଲକ 'ମିଶନ ଶକ୍ତି' ବିରୋଧରେ ଜିଲାପାଳଙ୍କଠାରୁ ଆରମ୍ଭ କରି ବିଭାଗୀୟ ସଚିବଙ୍କୁ ଭେଟି ବ୍ଲକର ମହିଳାମାନେ ଗତ ମାସରେ ଅଭିଯୋଗ କରିଥିଲେ। ବ୍ଲକ ଫେଡେରେଶନ ସଭାନେତ୍ରୀ ଚୟନରେ ଅନିୟମିତତା, କୃଷି ଯନ୍ତ୍ରପାତି କିଣାରେ ଦୁର୍ନୀତି, ବ୍ଲକ ସମ୍ମୁଖ 'ମିଶନ ଶକ୍ତି' କାଫେ ନିର୍ମାଣ ଓ ଜାତୀୟ ପତାକା ତିଆରିରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ କରାଯାଇଥିଲା। ବିଭାଗୀୟ ସଚିବଙ୍କ ନିର୍ଦ୍ଦେଶକ୍ରମେ ଜୀବିକା ମିଶନ ଡିସିବି ପ୍ରବୀଣ ନାୟକ, ସୌମ୍ୟରଞ୍ଜନ ମହାନ୍ତି, ବବିତା ଶୁକ୍ଳା ପ୍ରମୁଖ ୪ ଜଣିଆ ପ୍ରତିନିଧି ଦଳ ତଦନ୍ତ କରି ଫେରିଛନ୍ତି। ମିଶନ ଶକ୍ତି ଜିଲା ସଂଯୋଜକ ଅଭିକ ନାରେନ, ବ୍ଲକ ସଂଯୋଜକ ବନଜ ବାରିକ, ରୀତାରାଣୀ ସାହୁ, ଓଡ଼ିଶା ଜୀବିକା ମିଶନ ଜିଲା ସଂଯୋଜକ ସଞ୍ଜୟ ବାରିକ, ବ୍ଲକ ସଂଯୋଜକ ଷ୍ଟାଲିନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

